ତା 24.09.2025 ରିଖ

## ପ୍ରମୋସନ ଅଦାଲତର ଆଦେଶ ବଳରେ ପ୍ରମୋସନ ଦେବା

**ଅଣତାରକା ଚିହ୍ନିତ ପ୍ରଶ୍ନ ସଂଖ୍ୟା- 1795. ଶ୍ରୀ ଅରବିନ୍ଦ ମହାପାତ୍ର** : ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ କେତେ ଜଣ କର୍ମଚାରୀ ଗ୍ରୁପ 'ବି', 'ସି' ଓ 'ଡି' ରୁ ଦୁଇ ଗୋଟି ପ୍ରମୋସନ ଅଦାଲତକୁ ବିଗତ ଦିନରେ ଦରଖାସ୍ତ କରିଥିଲେ, ଏହାର ଗ୍ରୁପ/ ପୋଷ୍ଟ ଅନୁସାରେ ବିବରଣୀ ପ୍ରଦାନ କରିବେ କି, ଏହି ମଧ୍ୟରୁ କେତେ ଜଣକୁ ପ୍ରମୋସନ ଦିଆଯାଇଛି ତାହା କେଉଁ ଗ୍ରୁପରୁ/ କେଉଁ ପୋଷ୍ଟରୁ କେଉଁ ଗ୍ରୁପ/ କେଉଁ ପୋଷ୍ଟ କୁ ପ୍ରମୋସନ ଦିଆଯାଇଛି ଓ କେଉଁ ଆଧାରରେ କରାଯାଇଛି ଓ ସେମାନଙ୍କୁ ପ୍ରମୋସନ ବେନିଫିଟ ଦିଆଯାଇଛି କି ନାହିଁ, ଏହାର ପୋଷ୍ଟ ଅନୁସାରେ ବିବରଣୀ ଜଣେଇବେ କି, ଏହି ପ୍ରମୋସନ ଅଦାଲତ ରେ କେତେ ଜଣ ଚୌକିଦାର କୁ ପ୍ରମୋସନ ଦିଆଯାଇଛି କି, ତାହା ଜିଲ୍ଲା ଅନୁସାରେ ବିବରଣୀ ପ୍ରଦାନ କରିବେ, ଚୌକିଦାର କୁ ପ୍ରମୋସନ ଦିଆଗଲା ପରେ ଅଫିସ କୁ କିଏ ଜଗୁଛି ତାହା ଜିଲ୍ଲା ଅନୁସାରେ ବିବରଣୀ ପ୍ରଦାନ କରିବେ କି, ଆଉ କେତେ ଜଣ ପ୍ରମୋସନ ଅଦାଲତ ର ଆଦେଶ ଥିବା ସୁଦ୍ଧା ଆଜି ପର୍ଯ୍ୟନ୍ତ ପ୍ରମୋସନ ଦିଆ ଯାଇନାହିଁ ତାହାର କାରଣ ଜଣାଇବା ସହ ସେମାନଙ୍କୁ କେତେ ଦିନ ଭିତରେ ପ୍ରମୋସନ ଦିଆଯିବ ତାହା ଜଣାଇବେ କି?

**ଉତ୍ତର**

**କୃଷ୍ଣ ଚନ୍ଦ୍ର ପାତ୍ର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗମନ୍ତ୍ରୀ:-**

ବିଗତ ଦିନରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ମୋଟ ୬୮ ଜଣ ଗ୍ରୁପ 'ବି', 'ସି' ଓ 'ଡି' କର୍ମଚାରୀ ପ୍ରମୋସନ ଅଦାଲତରେ ଦରଖାସ୍ତ କରିଥିଲେ । ଏମାନଙ୍କ ମଧ୍ୟରୁ ୧୬ ଜଣଙ୍କୁ ତାଙ୍କର ପରବର୍ତ୍ତୀ ପାହ୍ୟାକୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ନିୟମାବଳୀ ଓ କ୍ୟାଡ଼ର ନିୟମ ଅନୁଯାୟୀ ପ୍ରମୋସନ ବେନିଫିଟ ଦିଆଯାଇଅଛି, କିନ୍ତୁ ପ୍ରମୋସନ ଅଦାଲତ କୌଣସି ଚୌକିଦାରଙ୍କୁ ପ୍ରମୋସନ ଦେବାପାଇଁ ନିର୍ଦ୍ଦେଶ ଦେଇନାହାନ୍ତି । ଏହାର ସବିଶେଷ ବିବରଣୀ ପରିଶିଷ୍ଟ 'କ' ରେ ପ୍ରଦାନ କରାଗଲା ।

ପରିଶିଷ୍ଟ-କ

| Sl. No. | Designation of the Officer applied in Promotion Adalat | No. of Officers applied in Promotion Adalat | No. of cases considered for promotion | Next promotional post | No. of cases not considered for promotion |
|---|---|---|---|---|---|
| 1 | Inspector of Supplies (Grp-B) | 22 | 6 | Assistant Civil Supplies Officer(Grp-B) | 16 |
| 2 | Assistant Civil Supplies Officer (Grp-B) | 5 | 0 | Civil Supplies Officer (Grp-A) | 5 |
| 3 | Assistant Civil Supplies Officer (Grp-B) | 4 | 1 | Additional Civil Supplies Officer(Grp-B) | 3 |
| 4 | Assistant Controller Legal Metrology(Grp-B) | 1 | 0 | Deputy Controller Legal Metrology(Grp-B) | 1 |
| 5 | Senior Inspector of Legal Metrology(Grp-B) | 1 | 0 | Deputy Controller Legal Metrology(Grp-B) | 1 |
| 6 | Senior Market Intelligence Officer (Grp-B) | 1 | 0 | Assistant Director (Market Intelligence ) (Grp-A) | 1 |
| 7 | Deputy Controller Legal Metrology(Grp-B) | 1 | 0 | Joint Controller Legal Metrology(Grp-B) | 1 |
| 8 | Senior Stenographer (Grp-B) | 3 | 0 | Personal Assistant (Grp-B) | 3 |
| 9 | Senior Clerk(Grp-C) | 15 | 0 | Head Clerk (Grp-B) | 15 |
| 10 | Junior Clerk (Grp-C) | 5 | 4 | Senior Clerk(Grp-C) | 1 |
| 11 | Market Intelligence Inspector(Grp-C) | 4 | 4 | Inspector of Supplies (Grp-B) | 0 |
| 12 | Choukidar/ Watchman-cum-sweeper(Grp-D) | 2 | 0 | Junior Clerk (Grp-C) | 2 |
| 13 | Peon(Grp-D) | 4 | 1 | Junior Clerk or similar posts (Grp-C) | 3 |
| **Total** | | **68** | **16** | | **52** |